# DAV PUBLIC SCHOOLS, ODISHA ZONE
# PERIODIC TEST-I, 2023-24

- Please check that this question paper contains 3 printed pages.
- Check that this question paper contains 6 questions.
- Write down the Serial Number of the question in the left side of the margin before attempting it.

## CLASS – VI
## SUBJECT: LOWER ODIA

**Time: 1.30 Hours** **Maximum Marks: 40+4**

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର **ଉତ୍ତର** ନିର୍ଭୁଲ ଭାବରେ ଲେଖ ।
- ଏହି ପ୍ରଶ୍ନ ପତ୍ରରେ (କ, ଖ, ଗ, ଘ) ଭଳି ୪ଟି ବିଭାଗରେ ୦୬ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- 'କ' ବିଭାଗ : ପଠନ - ୦୫ ଅଙ୍କ
- 'ଖ' ବିଭାଗ : ଲିଖନ - ୦୫ ଅଙ୍କ
- 'ଗ' ବିଭାଗ : ବ୍ୟାକରଣ - ୧୪ ଅଙ୍କ
- 'ଘ' ବିଭାଗ : ସାହିତ୍ୟ - ୧୬ ଅଙ୍କ

### 'କ' ବିଭାଗ (ପଠନ) (୫)

୧ . ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (୫x୧=୫)

ଥରେ ଜଣେ ରାଜା ନିଜ ଘୋଡ଼ା ଉପରେ ବସି ଦେଶ ଭ୍ରମଣରେ ବାହାରିଲେ । କିଛି ଦୂର ଗଲାପରେ ଦେଖିଲେ, ଗୋଟିଏ ବରଗଛ ମୂଳରେ କେତେକ ଲୋକ ବସି ହସଖୁସିରେ ଗପସପ କରୁଛନ୍ତି । ଆଉ କିଛି ଦୂର ଗଲାପରେ ଦଳେ ଲୋକ ପଶା ଖେଳୁଥିବାର ଦେଖିଲେ । ଆଉ କିଛି ବାଟ ଗଲାପରେ ରାଜା ଦେଖିଲେ, ଗୋଟିଏ ବଗିଚାରେ ବୁଢ଼ୀଟିଏ ଗଛ ଲଗାଉଛି । ରାଜା ପଚାରିଲେ, ''ଆରେ ମା ! ତୁମର ତ ବୟସ ହେଲାଣି । ଏତେଗୁଡ଼ିଏ ଗଛ ଲଗାଇ ପାଣି ଦେଉଛ କାହିଁକି ? କେବେ ଏଥିରେ ଫଳ ହେବ ଯେ, ତୁମେ ଖାଇବ ?'' ବୁଢ଼ୀ କହିଲା, ''ମୁଁ ସିନା ଫଳ ଖାଇପାରିବି ନାହିଁ, ହେଲେ ମୋର ପିଲାମାନେ ତ ଏହାର ଫଳ ଖାଇବେ । ପରିଶ୍ରମ କଲେ ଫଳ ନିଶ୍ଚୟ ମିଳେ ।'' ରାଜା ବୁଝିଲେ, କେତେ ଲୋକ ଅକାରଣରେ ସମୟ ନଷ୍ଟ କରୁଛନ୍ତି । ବୁଢ଼ୀଟି ପର ଉପକାର ଲାଗି କାମ କରୁଛି । ରାଜା ଖୁସି ହୋଇ ବୁଢ଼ୀ ହାତରେ ଗୋଟିଏ ସୁନା ମୋହର ଦେଲେ । ବୁଢ଼ୀ ହସିହସି କହିଲା, ''ଦେଖ ପୁଅ ! ଏଇ କ'ଣ ମୋର 'ପରିଶ୍ରମର ମୂଳ' ନୁହେଁ ?''

ପ୍ରଶ୍ନାବଳୀ-

(କ) ବୁଢ଼ୀଟି ବଗିଚାରେ କ'ଣ କରୁଥିଲା ?

(ଖ) ଲୋକମାନେ କେଉଁ ଗଛ ମୂଳରେ ବସି ଗପସପ କରୁଥିଲେ ?

(ଗ) ବୁଢ଼ୀ କାହା ପାଇଁ ଫଳଗଛ ଲଗାଉଥିଲା ?

(ଘ) ରାଜା ବୁଢ଼ୀ ଉପରେ କାହିଁକି ଖୁସି ହେଲେ ?

(ଙ) ପରିଶ୍ରମର ମୂଳ ସ୍ୱରୂପେ ବୁଢ଼ୀ କ'ଣ ପାଇଲା ?

## 'ଖ' ବିଭାଗ (ଲିଖନ) (୫)

୨. 'ମୋ ପରିବାର' ବିଷୟରେ ଅନୁଚ୍ଛେଦ ଲେଖ । (୧x୫=୫)

## 'ଗ' ବିଭାଗ (ବ୍ୟାକରଣ) (୧୪)

୩. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (୩x୧=୩)

(i) ଦୟାମୟ (ii) ଧରା (iii) ଚର

(ଖ) 'ବହିପତ୍ର' ଭଳି ଆଉ ତିନୋଟି ଯୋଡ଼ାଶବ୍ଦ ଲେଖ । (୩x୧=୩)

(ଗ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (୩x୧=୩)

(i) ସିନ୍ଧୁ (ii) ନର (iii) ବନ

(ଘ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । (୩x୧=୩)

(୧୯୨୧, ହେପାଜତ୍, ୧୯୦୫, ଘୃଣା)

(i) ସୁଦାମ ଗାଈମାନଙ୍କର ________ କରେ ।

(ii) ________ ରେ ନାକ ଟେକିବା ।

(iii) ________ ମସିହାରେ ମଧୁବାବୁ ଉତ୍କଳଟ୍ୟାନେରୀ ଜୋତା କାରଖାନା ବସାଇଥିଲେ ।

(ଙ) ଯୋଗ କର । (୨x୧=୨)

| (କ) | (ଖ) |
|---|---|
| ଦାରୁଣ | ଲୁଗା |
| ନୁଖୁରା | ଅଭାବ |
| | ମୁଣ୍ଡ |

## 'ଘ' ବିଭାଗ (ସାହିତ୍ୟ) (୧୬)

୪. (କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (ପଦ୍ୟ) (୩x୨=୬)

(i) ଦୟାମୟଙ୍କ ଚର କହିଲେ କ'ଣ ବୁଝାଯାଏ ?

(ii) କ'ଣ କଲେ ଆମର ଜୀବନ ସାର୍ଥକ ହେବ ?

(iii) ସମୁଦ୍ର କିପରି ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ?

(ଖ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (ଗଦ୍ୟ) (୩x୨=୬)

(i) ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

(ii) ମଧୁବାବୁଙ୍କ ଅଭାବ ଘଟିଲା କାହିଁକି ?

(iii) ସକାଳ ବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

୫. ଠିକ ଉ□ରଟିକୁ ବାଛି ଲେଖ । (୪x୧=୪)

(କ) ଜଙ୍ଗଲ କିପରି ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ?

(i) ଅସଂଖ୍ୟ ଜଳ ବିନ୍ଦୁର ସମଷ୍ଟିରେ (ii) ଟିକିଟିକି ଧୂଳି କଣିକା ମିଶି

(iii) ଅନେକ ଗଛର ସମାହାରରେ (iv) ଉଭୟ (i) ଓ (ii)

(ଖ) କିଏ ରାତିର ଅନ୍ଧାରକୁ ବିନାଶ କରି ରାତିରେ ଆମକୁ ଆଲୋକ ପ୍ରଦାନ କରନ୍ତି ?

(i) ସୂର୍ଯ୍ୟ (ii) ପୃଥିବୀ (iii) ଲଣ୍ଠନ (iv) ତାରକା

(ଗ) ମଧୁବାବୁ କେଉଁ ଅଦାଲତରେ ଓକିଲାତି ଆରମ୍ଭ କଲେ ?

(i) କେଶରୀବାଗ (ii) ହାଜାରୀବାଗ (iii) ବିହାରୀବାଗ (iv) ମଙ୍ଗଳାବାଗ

(ଘ) ମଧୁବାବୁଙ୍କୁ କେଉଁ ଉପାଧିରେ ଭୂଷିତ କରାଯାଇଛି ?

(i) ଉତ୍କଳମଣି (ii) ଉତ୍କଳଗୌରବ (iii) ଉତ୍କଳଘଣ୍ଟ (iv) ଉତ୍କଳଭୀମ

## ଉତ୍ତମ ପାଠକ ବୋନସ୍ (୪)

୬. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (୪x୧=୪)

(କ) ରାଜା କୃଷ୍ଣଦେବଙ୍କ ଦରବାରକୁ ଆସିଥିବା ବ୍ୟକ୍ତି ଜଣକ ନିଜକୁ ସବୁଠାରୁ ଜ୍ଞାନୀ ବୋଲି କାହିଁକି ଭାବୁଥିଲେ ?

(ଖ) ରାଜା ତେନାଲିଙ୍କୁ ଡକାଇ ପଠାଇବାର କାରଣ କ'ଣ ଥିଲା ?

(ଗ) 'ତିଳକଷ୍ଠା ମହିଷ ବନ୍ଧନ'ର ଅର୍ଥ କ'ଣ ?

(ଘ) ତେନାଲି ଜ୍ଞାନୀଲୋକଙ୍କୁ କିପରି ବୋକା ବନାଇଲେ ?

***********